## ଭୁବନେଶ୍ୱର ସିଟି



# ଧାର ଟଙ୍କା ମାଗିବାରୁ ଅପହରଣ

- ୧୫ ମାସ ହେଲା ଯୁବକଙ୍କ ପତ୍ତା ମିଳୁନି
- ଅଭିଯୁକ୍ତ ମହିଳା ଗିରଫ; ସ୍ୱାମୀ ଫେରାର

ଭୁବନେଶ୍ୱର, ୧୬।୨ (ସମିସ): ଧାର୍ ଟଙ୍କା ମାଗିବାରୁ ଯୁବକଙ୍କୁ ଅପହରଣ କରି ନେଇଛନ୍ତି ଦମ୍ପତି। ପ୍ରାୟ ୧୫ ମାସ ହେବ ଅପହୃତ ହୋଇଥିଲେ ମଧ୍ୟ ଏଯାଏଁ ତାଙ୍କର ପତ୍ତା ମିଳିପାରିନାହିଁ। ଅପହୃତ ଯୁବକ ହେଉଛନ୍ତି ଶାନ୍ତିପଲ୍ଲୀ ବସ୍ତିର ସିଦ୍ଧାର୍ଥ ବାରିକ ଓରଫ୍ ମୁନା। ମୁନାଙ୍କ ବାପା ତ୍ରୈଲୋକ୍ୟନାଥ ବାରିକଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତା କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ତ୍ୟେନ୍ଦକୁର ଗାଁର ଗୀତାଞ୍ଜଳି କାହାଳୀ ଓରଫ୍ ଡଲି



(୩୫)। ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଡଲିଙ୍କ ସ୍ୱାମୀ ରମାକାନ୍ତ ଫେରାର ଅଛନ୍ତି।

ପୁଲିସ ସୂଚନା ମୁତାବକ, ତ୍ରୈଲୋକ୍ୟନାଥ ବାରିକ ତାଙ୍କ ପରିବାର ସହ ପ୍ରାୟ ୩୦ ବର୍ଷ ହେବ ଶାନ୍ତିପଲ୍ଲୀ ବସ୍ତିରେ ରହୁଛନ୍ତି। ତାଙ୍କ ପୁଅ ମୁନା ପୂର୍ବରୁ ବିବାହ କରିଥିଲେ ମଧ୍ୟ ଦାମ୍ପତ୍ୟ କଳହ ହେତୁ ତାଙ୍କ ପତ୍ନୀ ଘର ଛାଡ଼ି ଯାଇଥିଲେ। ମୁନା ୨୦୨୪ ମେ' ମାସରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଣିନାଗେଶ୍ୱର ବସ୍ତିରେ ରହୁଥିବା ଡଲିଙ୍କ ସଂସ୍ପର୍ଶରେ ଆସିଥିଲେ ଓ ଉଭୟ ପ୍ରାୟ ସମୟ ଏକାଠି ରହୁଥିଲେ। ସେହି ମାସରେ ଡଲି ତାଙ୍କ ସ୍ୱାମୀ ରମାକାନ୍ତଙ୍କ ଉପସ୍ଥିତିରେ ବ୍ୟବସାୟ କରିବା ପାଇଁ ମୁନାଙ୍କ ଠାରୁ ୩୫ ହଜାର ଟଙ୍କା ଧାର ନେଇଥିଲେ ଓ ୪ ମାସ ମଧ୍ୟରେ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ପରେ ମୁନା ଟଙ୍କା ମାଗିବାରୁ ସେ ଦିନ ଗଡ଼ାଇ ଚାଲିଥିଲେ। ସେହିବର୍ଷ ସେପ୍ଟେମ୍ବର ୮ ତାରିଖ ଦିନ ମୁନା ପୁଣି ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସେହି ସମୟରେ ଡଲି ଓ ତାଙ୍କ ସ୍ୱାମୀ ରମାକାନ୍ତ ମିଶି ମୁନାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେବା ସହ ମାଡ଼ ମଧ୍ୟ ମାରିଥିଲେ। ଏହାର ଦୁଇ ମାସ ପରେ ଅର୍ଥାତ୍ ନଭେମ୍ବର ମାସ ୮ ତାରିଖ ଦିନ ଡଲି ଟଙ୍କା ବିଷୟରେ ଅପୋଷ ସମାଧାନ କରିବା ପାଇଁ ମୁନାଙ୍କୁ ତାଙ୍କ ଘରକୁ ଡକାଇଥିଲେ। ମୁନା ସେଠାକୁ ଯିବାପରେ ଆଉ ଘରକୁ ଫେରିନଥିଲେ। ରାତି ପ୍ରାୟ ୯ଟା ସମୟରେ ବାପାଙ୍କୁ ଫୋନ୍ କରି 'ବାପା ମୋତେ ବଞ୍ଚାଅ, ଡଲି ଓ ରମାକାନ୍ତ ମୋତେ ଘରେ ବାନ୍ଧି ରଖିଛନ୍ତି ବୋଲି କହିଥିଲେ। ଏଥିସହିତ ମୋତେ ମାରି ଜଙ୍ଗଲରେ ଫୋପାଡ଼ି ଦେବେ ବୋଲି ଧମକ ଦେଉଛନ୍ତି ବୋଲି କହିଥିଲେ। ଏହା ପରେ ମୁନାଙ୍କ ଫୋନ୍ ବନ୍ଦ ହୋଇଯାଇଥିବା ବେଳେ ଏପର୍ଯ୍ୟନ୍ତ କୌଣସି ସୁରାକ ମଧ୍ୟ ମିଳୁନାହିଁ। ଡଲି ଓ ରମାକାନ୍ତ ମିଶି ମୁନାଙ୍କୁ ଅପହରଣ କରି ଅଟକ ରଖିଛନ୍ତି କିମ୍ବା ହତ୍ୟା କରିଛନ୍ତି ସନ୍ଦେହ କରି ତ୍ରୈଲୋକ୍ୟନାଥ ଏନେଇ ସହିଦନଗର ଥାନାରେ ଏତଲା ଦେଇଥିଲେ। ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଡଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଲୁଟେରା ଫେରାର ବେଳେ କାର୍‌ରେ ପିଟି ହୋଇଗଲେ

- ଜଣେ ଗିରଫ; ଅନ୍ୟଜଣେ ଖସି ପଳାଇଲା

ଭୁବନେଶ୍ୱର, ୧୬।୨ (ସମିସ): ଲୁଟ୍ କରି ଫେରାର ହେବାବେଳେ କାର୍‌ରେ ପିଟି ହୋଇଛନ୍ତି ଲୁଟେରା। ଜୟଦେବ ବିହାର ଛକ ନିକଟରେ ଏଭଳି ଘଟଣା ଘଟିଛି। ଜଣଙ୍କୁ ଲୋକ କାବୁ କରି ପୁଲିସ ଜିମାରେ ଦେଇଥିବା ବେଳେ ଅନ୍ୟଜଣେ ଖସିଯିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା କୋରେଇ ଥାନା ପୂର୍ବକୋଟର ଦୀପକ ଦାସ (୨୫)।

ପୁଲିସ ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ହୋଟେଲ ବ୍ୟବସାୟୀ ହିମାଂଶୁ ଶେଖର ଦାସ ସ୍କୁଟି ଯୋଗେ ଆଚାର୍ଯ୍ୟ ବିହାର ଛକରୁ ବରମୁଣ୍ଡା ଅଭିମୁଖେ ଯାଉଥିଲେ। ସେହି ସମୟରେ ଦୀପକ ଓ କରନ୍ ଦାସ ଏକ କଳା ପଲସରରେ ଆସି ତାଙ୍କ ପକେଟରୁ ମୋବାଇଲ୍ ଫୋନକୁ ଛଡ଼ାଇ ନେଇଥିଲେ। ଲୁଟ୍ ପରେ ଦୁଇ ଅଭିଯୁକ୍ତ ଦ୍ରୁତ ଗତିରେ ଫେରାର ହେଉଥିବା ବେଳେ ହିମାଂଶୁ ସେମାନଙ୍କ ପିଛା କରିଥିଲେ। ଲୁଟେରା ଦ୍ୱୟ ଜୟଦେବ ବିହାର-ଏନ୍ଏଚ୍ କଟ ପଏଣ୍ଟ ନିକଟରେ ହମ୍ପସ୍ ଉପରେ ଦ୍ରୁତ ଗତିରେ ଚଢ଼ିବା ଯୋଗୁଁ ନିୟନ୍ତ୍ରଣ ହରାଇ ଏକ କାରକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ହିମାଂଶୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୀପକକୁ କାବୁ କରିଥିବା ବେଳେ କରନ୍ ଖସି ପଳାଇଥିଲା। ହିମାଂଶୁଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଦୀପକକୁ ଗିରଫ କରିବା ସହ ତା' ଠାରୁ ବାଇକ୍ ଓ ଲୁଟ୍ ମୋବାଇଲ ଜବତ କରିଥିଲା। ଦୀପକ ନାମରେ ତିର୍ତ୍ତୋଲ ଥାନାରେ ଏକ ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ବଢୁଛି ବାର୍ ବାଉନ୍ସରଙ୍କ ଉତ୍ପାତ

# ଏସ୍ଓପି ଅଛି, ମାନୁନାହାନ୍ତି

ଭୁବନେଶ୍ୱର, ୧୬।୨ ((ସମିସ): ରାଜଧାନୀରେ ଛତୁ ଫୁଟିବା ଭଳି ଖୋଲୁଛି ବାର୍ ଓ ପବ୍। ଅମାନିଆ ବାର୍ ମାଲିକମାନେ ନିୟମର ଧଜିଆ ଉଡ଼ାଇବା ସହ ରାତିତମାମ ବାର୍ ଖୋଲା ରଖୁଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦର ଆସରରେ ମତୁଆଲା ହେଉଛନ୍ତି ଯୁବପିଢ଼ି। ଆଉ ପୁଲିସ କି ଅବକାରୀ ବିଭାଗ ଚଢ଼ଉ କରିଲେ ବାହୁବଳ ଦେଖାଉଛନ୍ତି ବାଉନ୍ସର। ଭାଲେଣ୍ଟାଇନ୍ ଡେ' ରାତିରେ ଖାରବେଳ ନଗର ଥାନା ଅଞ୍ଚଳରେ ଥିବା ଓଡି ୦୨ ବାରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦର ଆସର ଜମିବା ସହ ନାଚଗୀତରେ ମତୁଆଲା ହେଉଥିଲେ। ଖବରପାଇ ଭୁବନେଶ୍ୱର ଅବକାରୀ ବିଭାଗ ଓ ପୁଲିସ ଚଢ଼ଉ କରିଥିଲା। ବାର୍ ବାଉନ୍ସରମାନେ ପୁଲିସ ଓ ଅବକାରୀ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏମିତିକି ଆକ୍ରମଣ କରିବା ସହ ସରକାରୀ କାମରେ ବାଧା ସୃଷ୍ଟି କରିଥିଲେ।

ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ପୂର୍ବରୁ ଅନେକ ଥର ବାଉନ୍ସରଙ୍କ ଉତ୍ପାତ ଦେଖିବାକୁ ମିଳିଛି। ସିଆରପି ଓ ଝାରପଡ଼ାରେ ଜମି ପଜେସନ ଠାରୁ ଆରମ୍ଭ କରି ଓପିଡି ବାର ଗଣ୍ଡଗୋଳ ପର୍ଯ୍ୟନ୍ତ, ସବୁଠି ବାଉନ୍ସରଙ୍କ ଅପରାଧିକ କାର୍ଯ୍ୟକଳାପ ପଦାକୁ ଆସିଛି। ରାଜଧାନୀର ବାଉନ୍ସରମାନେ ବାରମ୍ବାର ଆତଙ୍କ ଖେଳାଉଛନ୍ତି। ବାଉନ୍ସରଙ୍କ ଉପରେ ଲଗାମ ଲଗାଇବାକୁ କମିସନରେଟ ପୁଲିସ ପୂର୍ବରୁ ଏସ୍ଓପି ଆଣିଥିଲା। ବାରରେ ବାଉନ୍ସର୍ ନିଯୁକ୍ତିରେ କଟକଣା ଲଗାଇବା ସହ କେବଳ ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିସ୍ ରେଗୁଲେସନ୍ ଆକ୍ଟ (ପିଏସ୍ଏଆରଏ) ଅଧୀନରେ ପଞ୍ଜିକୃତ ସିକ୍ୟୁରିଟି ସଂସ୍ଥାର ସିକ୍ୟୁରିଟି ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିଯୁକ୍ତି ପୂର୍ବରୁ ପୁଲିସ ଦ୍ୱାରା ଚାରିତ୍ରିକ ପ୍ରମାଣପତ୍ର (କ୍ୟାରେକ୍ଟର ସାର୍ଟିଫିକେଟ) ଯାଞ୍ଚ କରିବାକୁ କୁହାଯାଇଥିଲା। ଯଦି ପୂର୍ବରୁ କୌଣସି ସିକ୍ୟୁରିଟି କାମ କରୁଛନ୍ତି ତେବେ ସମ୍ପୃକ୍ତ ବାର ମାଲିକ ନିକଟସ୍ଥ ଥାନାରେ ଲିଖିତ ଭାବେ ଦାଖଲ କରିବେ। ଫଳରେ ସମ୍ପୃକ୍ତ କର୍ମଚାରୀ ନାମରେ ଅପରାଧିକ କାର୍ଯ୍ୟକଳାପ ଅଛି କି ନାହିଁ, ସେନେଇ ଯାଞ୍ଚ ହେବ। ଯଦି କୌଣସି ବାର ମାଲିକ ଏହି ନିୟମର ଖିଲାପ କରନ୍ତି ତେବେ ଓଡ଼ିଶା ସହରାଞ୍ଚଳ ପୁଲିସ ଧାରା ୨୦୦୩ ଅନୁସାରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରାବଧାନ ରହିଛି। ହେଲେ ଏହିସବୁ ନିୟମର ଏବେ ଧଜିଆ ଉଡୁଛି। ବାରର ଓ ପବ୍ ଏହି ନିୟମ ନମାନି ଅପରାଧିକ ପୃଷ୍ଠଭୂମି ଥିବା ଯୁବକଙ୍କୁ ବାଉନ୍ସରଙ୍କୁ ନିଯୁକ୍ତି କରୁଛନ୍ତି।

ଶନିବାର ରାତିରେ ବାଉନ୍ସରଙ୍କ ଦ୍ୱାରା ଠେଲାପେଲାର ଶିକାର ହେବାପରେ ତତ୍ପରତା ପ୍ରକାଶ ପାଇଛି। ଏସ୍ଓପି ପାଳନ ନେଇ କମିସନରେଟ ପୁଲିସ ସହ ଆଲୋଚନା କରାଯିବ ବୋଲି ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ କହିଛନ୍ତି। ଏଥିସହିତ ପୁଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ବାର୍ ଗୁଡ଼ିକରେ ଚଢ଼ଉ କରି ନିୟମ ପାଳନ ହେଉଛି ନା ନାହିଁ, ଯାଞ୍ଚ କରାଯିବ। ଆବଶ୍ୟକ ପଡ଼ିଲେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରି ଲାଇସେନ୍ସ ରଦ୍ଦ କରିବାକୁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେପଟେ ବର୍ତ୍ତମାନ ରାଜ୍ୟରେ ୪ ଶହରୁ ଊର୍ଦ୍ଧ୍ୱ ପିଏସ୍ଏଆରଏ ପଞ୍ଜିକୃତ ସିକ୍ୟୁରିଟି ସଂସ୍ଥା ରହିଥିଲେ ମଧ୍ୟ ବାର୍ ମାଲିକମାନେ ଅଣ ପଞ୍ଜିକୃତ ବା ବ୍ୟକ୍ତିଗତ ଭାବେ ସିକ୍ୟୁରିଟି ଆଣି ନିୟୋଜିତ କରୁଛନ୍ତି। ବିନା ପ୍ରଶିକ୍ଷଣରେ ସେମାନେ ବାରରେ ନିୟୋଜିତ ହେଉଥିବାରୁ ବାରମ୍ବାର ଘଟଣାର ପୁନରାବୃତ୍ତି ଘଟୁଛି।

**ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟ**



(ଫଟୋ: ସକାଳ)

# ୫୧ ଲକ୍ଷର ଘଣ୍ଟା ହଡ଼ପ; ସେଲ୍ସ ଅଫିସର୍ ଗିରଫ

ଭୁବନେଶ୍ୱର, ୧୬।୨ (ସମିସ): ୫୧ ଲକ୍ଷର ଘଣ୍ଟା ହଡ଼ପ କରିଥିବା ଅଭିଯୋଗରେ ସେଲ୍ସ ଅଫିସରକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁରର ସମ୍ବିତ ରାୟ (୨୬)।

ପୁଲିସ ସୂଚନାନୁଯାୟୀ, ରସୁଲଗଡ଼ ସ୍ଥିତ ମ୍ୟାକ୍ସ ଇଣ୍ଟରନ୍ୟାସନାଲ ଓଡ଼ିଶାରେ ଟାଇଟାନ୍ ଘଣ୍ଟା ବିକ୍ରି ଫ୍ରାଞ୍ଚାଇଜ୍ ଆଣିଥିବା ବେଳେ ଦକ୍ଷିଣ ଓଡ଼ିଶାରେ ଘଣ୍ଟା ବିକ୍ରି ପାଇଁ ସମ୍ବିତକୁ ସେଲ୍ସ ଅଫିସର୍ ଭାବେ ନିଯୁକ୍ତ କରିଥିଲା। ନିଯୁକ୍ତି ନିୟମ ଅନୁସାରେ ସମ୍ବିତକୁ ଷ୍ଟକ୍‌ର ଦାୟିତ୍ୱ ଓ ନିୟନ୍ତ୍ରଣ ଦିଆଯାଇଥିଲା ଓ କେବଳ କମ୍ପାନୀ



କାର୍ଯ୍ୟାଳୟରୁ ଜାରି ହୋଇଥିବା ବୈଧ ଚାଲାଣ ଆଧାରରେ ଡିଲର ମାନଙ୍କୁ ଘଡ଼ି ଯୋଗାଣ କରିବାକୁ ଅନୁମତି ଥିଲା। ପୂର୍ବରୁ ସେ ଠିକ୍ ଦଲିଲପତ୍ର ସହିତ ଷ୍ଟକ୍ ଗ୍ରହଣ କରୁଥିଲା। କିନ୍ତୁ ଚଳିତ ବର୍ଷ ଅନୁମୋଦିତ ଡିଲରମାନଙ୍କୁ ଘଡ଼ି ଯୋଗାଣ ନକରି ଅନ୍ୟତ୍ର ବିକ୍ରି କରି ଦେଇଥିଲା। ସମ୍ବିତ ନକଲି ଓ ନିଜେ ପ୍ରସ୍ତୁତ କରିଥିବା ଚାଲାଣ ବ୍ୟବହାର କରି ଅନଧିକୃତ ଡିଲର ମାନଙ୍କୁ ୫୧ ଲକ୍ଷ ୪୬ ହଜାର ୧୩୨ ଟଙ୍କାର ଘଣ୍ଟା ବିକ୍ରି କରିଥିବା ଅନୁସନ୍ଧାନରୁ ଜଣାପଡ଼ିଥିଲା। ଏନେଇ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସାନ୍ତନୁ କୁମାର ଦାସଙ୍କ ଅଭିଯୋଗ କ୍ରମେ ମଞ୍ଚେଶ୍ୱର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ସମ୍ବିତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମହିଳା ବ୍ରାଉନସୁଗର ବେପାରୀ ଗିରଫ



ଭୁବନେଶ୍ୱର, ୧୬।୨ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ମହିଳାଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ମହିଳା ହେଲେ ଭରତପୁର ତାରିଣୀ ମାର୍କେଟର ସୁମିତ୍ରା ନାୟକ ଓରଫ୍ ସୁମି (୪୧)। ପୁଲିସ ସୂଚନାନୁଯାୟୀ, ଜିଏ କଲୋନୀ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ବେଳେ ଖବରପାଇ ଭରତପୁର ଥାନା ପୁଲିସ ଚଢ଼ଉ କରିଥିଲା। ନେଚର୍ ପାର୍କ ପଛପଟେ ଥିବା ଏକ ନିଛାଟିଆ ସ୍ଥାନରୁ କାର୍ତ୍ତିକ ଦାସ ଓ ପତ୍ନୀ ଲକ୍ଷ୍ମୀ ଦାସଙ୍କୁ ଗିରଫ କରିବା ସହ ପ୍ରାୟ ୧୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ସେମାନେ ସୁମିତ୍ରାଙ୍କ ଠାରୁ ବ୍ରାଉନସୁଗର ଆଣି ବିକ୍ରି କରୁଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଆଜି ପୁଲିସ ସୁମିତ୍ରାଙ୍କୁ ଗିରଫ କରିବା ସହ ୭୧୦୦ ଟଙ୍କା ଜବତ କରିଛି।

# ଧଳା ଜହର ଜବତ; ଦୁଇ ଗିରଫ

ଯାଁଳା, ୧୬।୨(ସମିସ): ଗଙ୍ଗପଡ଼ା ଲଟା ଭୁଆସୁଣୀ ମନ୍ଦିର ନିକଟରେ ଧଳା ଜହର ବେପାର କରୁଥିବା ବେଳେ ଇନଫୋସିଟି ଥାନା ପୁଲିସ ଦୁଇ ନିଶା ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୁଇ ଜଣ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ମୁଗୁମଣ୍ଡା ଗ୍ରାମର ସନ୍ତୋଷ ପରିଡ଼ା ଓ ସହିଦନଗର ଥାନା ଶୁକ ବିହାର ଭୋଇନଗର ବସ୍ତିର ରାଜେନ୍ଦ୍ର ବେହେରା। ଦୁଇ ଜଣଙ୍କ ନିକଟରୁ ୨୨ ଗ୍ରାମ ଧଳା ଜହର ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ।

ଆଜି ଦୁଇ ନିଶା ବେପାରୀ ଗଙ୍ଗପଡ଼ା ଲଟା ଭୁଆସୁଣୀ ମନ୍ଦିର ନିକଟରେ ବେପାର କରୁଥିବା ଇନଫୋସିଟି ଥାନା ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିଲା। ଏହି ସୂଚନା ଆଧାରରେ ଇନଫୋସିଟି ଥାନାର ଏକ ସ୍ୱତନ୍ତ୍ର ଦଳ ମା ଲଟା ଭୁଆସୁଣୀ ମନ୍ଦିର ନିକଟରେ ଅତର୍କିତ ଚଢଉ କରିଥିଲେ। ଖୋର୍ଦ୍ଧା ଅଞ୍ଚଳରୁ ଗଙ୍ଗପଡ଼ା, ପାଣିଓରା ଅଭିମୁଖେ ବେଆଇନ ବ୍ରାଉନ ସୁଗାର ଚାଲାଣ କରୁଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତ ସନ୍ତୋଷ ପରିଡ଼ା ଓ ରଜେନ୍ଦ୍ର ବେହେରାଙ୍କୁ କାବୁ କରିବା ସହିତ ମୋଟ ୨୨ ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ଏକ ମୋଟରସାଇକଲ ଜବତ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତ ଦୁହେଁ ଏହି ବ୍ରାଉନ ସୁଗାର ବ୍ୟବସାୟ ଗତ କିଛିଦିନ ହେବ ନିୟମିତ ଭାବେ କରିଆସୁଥିବା କହିଛନ୍ତି।

# ମହିଳାଙ୍କୁ ଆକ୍ରମଣ କରି ଦୁଇ ଗିରଫ

ନନ୍ଦନକାନନ, ୧୬।୨(ସମିସ): ମହିଳାଙ୍କୁ ଆକ୍ରମଣ ଓ ଗାଳି ଗୁଲଜ କରିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଣ୍ଡରପୁର ଗ୍ରାମର ରାକେଶ ପଡ଼ିଆରୀ ଓ ଜିତୁ ପଡ଼ିଆରୀ। ରବିବାର ରାତ୍ର ପ୍ରାୟ ୯ଟା ସୁଦ୍ଧା ଅଭିଯୋଗକାରିଣୀ ମହିଳା କେନ୍ଦୁପାଟଣା ଗ୍ରାମ ତାଙ୍କ ଘରେ ଥିବା ସମୟରେ ହଟାତ ତାଙ୍କ ଘର ଭିତରେ ବଡ ପାଟି ଶୁଣି ସେ ଆସି ଦେଖିଲେ ଯେ ଗଣ୍ଡରପୁର ଗ୍ରାମର ରାକେଶ ପଡ଼ିଆରୀ ଓ ଜିତୁ ପଡ଼ିଆରୀ ଆସି ତାଙ୍କ ଘର ଭିତରେ ପଶି ତାଙ୍କ ପୁଅକୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ, ଠେଲାପେଲା କରିଥିଲେ। ତାଙ୍କୁ ସେ ଅଟକାଇବା ପାଇଁ ଚେଷ୍ଟା କରୁଥିବା ସାମୟରେ ଜିତୁ ପଡ଼ିଆରୀ ଓ ରାକେଶ ପଡ଼ିଆରୀ ଅଭିଯୋଗକାରିଣୀ ମହିଳାଙ୍କୁ ଅଶଭ୍ୟ ଭାଷାରେ ଗାଳି କରିବା ସହିତ, ତାଙ୍କୁ ଠେଲାପେଲା କରି, ଧକା ଦେଇ ତଳେ ପକାଇ ଦେଇଥିଲେ। ଜାହାଦ୍ୱାରା ସେ ମୁହଁ ମାଡି ତଳେ ପଡ଼ିଥିଲେ। ଫଳରେ ମୁହଁରେ ଶକ୍ତ ଆଘାତ ପାଇ ତାଙ୍କର ତିନୋଟି ଦାନ୍ତ ଭାଙ୍ଗି ତଳେ ଗଳି ପଡ଼ିଥିଲା। ସଙ୍ଗେ ସଙ୍ଗେ ତାଙ୍କ ପୁଅ ପିସିଆରକୁ ଫୋନ କରିବାରୁ ପିସିଆର ସେଠାରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ।

# ଉମାଦେଇ ବ୍ରହ୍ମପୁର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

ବାଲିଅନ୍ତା, ୧୬।୨(ସମିସ): ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରମଲତା ନାୟକ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୧୫ ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୮ ଟି, ପାନୀୟ ଜଳ ବିଭାଗ ସମ୍ବନ୍ଧୀୟ ୪ ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି।

## ଆଜିଠୁ ବଜେଟ୍ ଅଧିବେଶନ

# ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା

- ନିୟୋଜିତ ହେବେ ଏସ୍‌ଟିଯୁ ଓ କୁଇକ୍ ରେସ୍‌ପନ୍ସ ଟିମ୍
- ଜଗିବେ ୩୫ ପ୍ଲାଟୁନ ଫୋର୍ସ; ଦାୟିତ୍ୱରେ ୧୦୦ ଅଧିକାର

ଭୁବନେଶ୍ୱର, ୧୬।୨ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଧାନସଭାର ବଜେଟ ଅଧିବେଶନ। ଏଥିପାଇଁ କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୋମବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ବିଧାନସଭା ପରିସର ଓ ବାହାର ଲାଗି ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅଧିବେଶନକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ୩୫ ପ୍ଲାଟୁନ ପୁଲିସ ଫୋର୍ସ ଓ ୧୦୦ ପୁଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଡିସିପିଙ୍କ



ତତ୍ତ୍ୱାବଧାନରେ ୮ ଜଣ ଅତିରିକ୍ତ ଡିସିପି, ୨୪ଜଣ ଏସିପି, ୨୭ ଇନ୍ସପେକ୍ଟର, ୧୧୦ଜଣ ଏସ୍ଆଇ ଓ ଏଏସ୍ଆଇ,



କନଷ୍ଟେବଳ ଓ ହାବିଲଦାର ୨୫୦ଜଣଙ୍କୁ ନିୟୋଜିତ କରାଯିବ। ବିଧାନସଭା ବାହାରେ ସ୍ପେଶାଲ ଟ୍ରାକ୍ଟିକାଲ ୟୁନିଟ୍, କୁଇକ୍ ରେସ୍‌ପନ୍ସ ଦଳ, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, ଅଗ୍ନିଶମ କର୍ମଚାରୀ, ବନ୍ଧୁକଧାରୀ ଓ ସାଦା ପୋଷାକରେ ପୁଲିସ ମୁତୟନ କରାଯିବ। ୫ଟି ସ୍ଥାନରେ ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି। ଏଥିସହିତ ପୁରା ଅଞ୍ଚଳକୁ ସିସିଟିଭି ଛାଉଣିରେ ରଖାଯାଇଛି। କଣ୍ଟ୍ରୋଲ ରୁମରୁ ସିସିଟିଭି ମାଧ୍ୟମରେ ଗତିବିଧି ଓ ଧାରଣାସ୍ଥଳ ଉପରେ ନଜର ରଖାଯିବାକୁ ବ୍ୟବସ୍ଥା ହୋଇଛି।

### ଯାତାୟାତ ଉପରେ କଟକଣା

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମଙ୍ଗଳବାର ଠାରୁ ଆସନ୍ତା ୨୪ ତାରିଖ ଓ ମାର୍ଚ୍ଚ ୯ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଅଧିବେଶନ ଚାଲିବ। ବିଧାନସଭା ଚାଲୁଥିବା ସମୟରେ ଏହାକୁ ସଂଯୋଗ କରୁଥିବା ରାସ୍ତାରେ ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରିଛନ୍ତି ପୁଲିସ କମିସନର। ତେବେ ଜରୁରିକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହନ (ପୁଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ), ବିଧାନସଭା, ରାଜ୍ୟ ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଯାନବାହନ ନିମନ୍ତେ ଏହି କଟକଣା ଲାଗୁ ହେବନାହିଁ।

### କେଉଁବାଟେ ଯିବେ

- ହାଉସିଂ ବୋର୍ଡ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହନ ଗୁଡ଼ିକ କେଶରୀ ଟକିଜ୍ ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ।
- ଏଜି ଛକ ପଟୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ସମସ୍ତ ଯାନବାହନଗୁଡ଼ିକ ଜୟଦେବ ଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିବେ।
- ମାଷ୍ଟରକ୍ୟାଣ୍ଟିନ୍ ଛକ ପଟୁ ଆସୁଥିବା ସମସ୍ତ ଯାନବାହନଗୁଡ଼ିକ ଲୋୟର ପିଏମ୍‌ଜିଛକ ଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ।
- ୧୨୦ ବାଟାଲିୟନ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନଗୁଡ଼ିକ ପାୱାର ହାଉସ୍ ଛକ ଦେଇ ଯିବେ।
- ଲୋକଭବନ ଛକ ପଟୁ ଏମ୍ଏଲ୍ଏ କଲୋନୀ ଓ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନଗୁଡ଼ିକ ଶାସ୍ତ୍ରୀ ନଗର ଛକ ଦେଇ ଯିବେ।





**ପୂର୍ବତନ ସରପଞ୍ଚ ସମିତି ସଭ୍ୟଙ୍କୁ ୫ ହଜାର ଟଙ୍କା ପେନ୍‌ସନ ଦାବି**

# ୧୯ରେ ବିଧାନସଭା ଆଗରେ ବିକ୍ଷୋଭ

ଭୁବନେଶ୍ୱର, ୧୬।୨(ସମିସ): ନିଖିଳ ଓଡ଼ିଶା ପୂର୍ବତନ ସରପଞ୍ଚ ସମିତି ସଭ୍ୟମାନଙ୍କୁ ମାସିକ ଅବସରକାଳୀନ ଭତ୍ତା ୫ ହଜାର ଟଙ୍କା ଦେବା ନିମନ୍ତେ ରାଜ୍ୟ ସଭାପତି ଦିଗମ୍ବର ଜେନାଙ୍କ ନେତୃତ୍ୱରେ ୭ ଦଫା ଦାବିନେଇ ଫେବୃଆରୀ ୧୯ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରାଯିବ। ଓଡ଼ିଶାର ୩୦ଟି ଜିଲ୍ଲା, ୩୧୪ଟି ବ୍ଲକର ୮ ହଜାର ଗ୍ରାମ ପଞ୍ଚାୟତରେ ପ୍ରାୟ ୪୫ ହଜାର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟମାନେ କାର୍ଯ୍ୟରୁ ଅବସର ନେଇଛନ୍ତି। ସମାଜ ସେବାରେ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ମାନଙ୍କର ମୁଖ୍ୟ ଭୂମିକା ଥିବାବେଳେ ସରକାର ତାଙ୍କ ପ୍ରତି କଠୋର ଉଦାସୀନତା ମନୋଭାବ ପ୍ରଦର୍ଶନ କରୁଥିବା ହେତୁ ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ବର୍ତ୍ତମାନ ବିଧାୟକ, ମନ୍ତ୍ରୀମାନେ ମାସିକ ବେତନ ବୃଦ୍ଧି ସହିତ ପୂର୍ବତନ ବିଧାୟକମାନଙ୍କର ମାସିକ ଭତ୍ତା ୧ଲକ୍ଷ ୩୦ ହଜାର ଟଙ୍କା ଦିଆଯିବା ନିମନ୍ତେ ବିଧାନସଭାରେ ଏକ ବିଲ୍ ପାସ୍ କରାଯାଇଛି। କିନ୍ତୁ ଅସହାୟ, ବିଧବା, ଅକ୍ଷମ ଏଭଳି ଅନେକ ଲୋକଙ୍କୁ ପଞ୍ଚାୟତ ଅଫିସ୍‌ରେ ଭତ୍ତା ପ୍ରଦାନ କରାଯିବାରେ ସହଯୋଗ କରୁଥିବା ବେଳେ ଜଣେ ପୂର୍ବତନ ସରପଞ୍ଚ ଭତ୍ତାଟିଏ ମଧ୍ୟ ନେଇନାହାଁନ୍ତି। ପୂର୍ବତନ ସରପଞ୍ଚମାନେ ଆର୍ଥିକ ଅନଟନ ପରିସ୍ଥିତିରେ ଦିନ କଟାଉଥିବା ବେଳେ ସରକାର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ଭୁଲିଗଲେ ବୋଲି ପ୍ରଶ୍ନ କରିଛି ସଂଘ। ଦୀର୍ଘ ବର୍ଷ ଧରି ରାଜ୍ୟ ମହାସଂଘ ଦାବି କରିଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛି ସଂଘ। ତେବେ ମୁଖ୍ୟମନ୍ତ୍ରୀ ୧୯୯୭ ମସିହାଠାରୁ ୨୦୦୨ ମସିହା ପର୍ଯ୍ୟନ୍ତ କେନ୍ଦୁଝର ସଦର ବ୍ଲକରୁ ରାଇକଳା ଗ୍ରାମ ପଞ୍ଚାୟତରୁ ନିର୍ବାଚିତ ହୋଇ ପଞ୍ଚାୟତରେ ପ୍ରତିନିଧିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ, ସମିତି ସଭ୍ୟମାନଙ୍କର ଅବସ୍ଥା ଭଲ ଭାବେ ଜାଣିଛନ୍ତି। ଯଥାଶୀଘ୍ର ମାସିକ ଭତ୍ତା ପ୍ରଦାନ କରିବା ନିମନ୍ତେ ମହାସଂଘ ଦାବି କରିଛି। ଏହି ବୈଠକରେ ବୈଠକରେ ରାଜ୍ୟ ସମ୍ପାଦିକା କୁଞ୍ଜଲତା ଭିତିରିଆ, ଦୈତାରୀ ବେହେରା, କେଦାରନାଥ ଜେନା, ଗୀତାଞ୍ଜଳି ସାମଲ, ନିର୍ମଳ ସାମଲ, ପ୍ରମୋଦ ସାମଲ, ସନ୍ତୋଷ ପାଣି, ସୁଶୀଲ କିଣ୍ଡୋ ପ୍ରମୁଖ ଯୋଗଦେଇ ଚଳିତ ମାସ ୧୯ତାରିଖରେ ୭ଦଫା ଦାବି ନେଇ ସରକାରଙ୍କୁ ଅବଗତ କରାଇବା ସହିତ ୩୦ଗୋଟି ଜିଲ୍ଲା ସମସ୍ତ ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ପୂର୍ବତନ ସମିତିସଭ୍ୟ ପ୍ରମୁଖ ଯୋଗଦେବା ନିମନ୍ତେ ଅନୁରୋଧ କରିଛନ୍ତି।

● ଆଉଟରିଚ ରେଡ଼ିଓ ମେଳା-୨୦୨୬

## ନୃତ୍ୟରେ ରେଡ଼ିଓର କଥା କହିଲେ 'ନୃତ୍ୟଶାଳା'ର ଶିଳ୍ପୀ

ଭୁବନେଶ୍ୱର, ୧୬।୨(ସମିସ):ରେଡ଼ିଓ କେବଳ ଖବର କୁହେନି ରେଡ଼ିଓ ମାଧ୍ୟମରେ କାଳଖଣ୍ଡର ସଙ୍ଗୀତ ସାହିତ୍ୟ ଭାବରେ ଜନମନ ହରଣ କରିଛି। ବିଶ୍ୱ ରେଡ଼ିଓ ଦିବସ ଉପଲକ୍ଷେ ଭୁବନେଶ୍ୱର ଏକାମ୍ରହାଟ ପରିସରରେ ତିନିଦିନ ବ୍ୟାପୀ




ଓ ଅନ୍ୟ ସମସ୍ତ ବୈଭବ ସବୁ ବର୍ଗର ଜନମାନସଙ୍କ ହୃଦୟକୁ ଛୁଇଁ ଶ୍ରାବ୍ୟକାବ୍ୟ ଆଉଟରିଚ୍ ରେଡ଼ିଓ ମେଳା-୨୦୨୬ ମହାସମାରୋହରେ ଉଦଯନୀ ସନ୍ଧ୍ୟାରେ ନୃତ୍ୟଶାଳା, ସଂସ୍କୃତି କେନ୍ଦ୍ର, କଟକର ନୃତ୍ୟଶିଳ୍ପୀ ନୃତ୍ୟରେ ରେଡ଼ିଓର ଗାଥା ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ନୃତ୍ୟଶାଳାର ଶିଳ୍ପୀ ଯଶସ୍ୱିନୀ ସ୍ୱାଇଁ, ବୈଷ୍ଣବୀ ସାହୁ, ଶ୍ରୀୟା ମିଶ୍ର, ଆଶ୍ରିଥା ସାହୁ, ଅଭିଲିପ୍ସା ସେଠୀ, ସାଇସୁଧା ସାହୁ ପ୍ରମୁଖ ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ କରିଥିଲେ। ସୁପ୍ରସିଦ୍ଧ ଅନ୍ତଃରାଷ୍ଟ୍ରୀୟ କଥକ ନୃତ୍ୟାଙ୍ଗନା ଡ. ସଙ୍ଗୀତା ସାହୁ ଓ ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ତଥା ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ନୃତ୍ୟରେ ଦର୍ଶକଙ୍କୁ ଶେଷ ଯାଏ ବାନ୍ଧି ରଖିଥିଲା। ଏହି ଉପଲକ୍ଷେ ଆଉଟରିଚ୍‌ର ପ୍ରତିଷ୍ଠାତା ସଂଯୋଜକ ସୁବ୍ରତ ପତି ନୃତ୍ୟଶିଳ୍ପୀଙ୍କୁ ଉତ୍ତରୀୟ ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଜାଗର ପରର ଜାଗ୍ରତ ସ୍ୱେଚ୍ଛାସେବୀ

● ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରମଦାନ ଶିବିର

ଭୁବନେଶ୍ୱର, ୧୬।୨(ସମିସ): ଏକାମ୍ର କ୍ଷେତ୍ର ଶ୍ରୀଲିଙ୍ଗରାଜ ମନ୍ଦିରରେ ପୁଣିଥରେ ଦେଖିବାକୁ ମିଳିଛି ସେବା ଓ ସ୍ୱଚ୍ଛତାର ଅପୂର୍ବ ସମନ୍ୱୟ। ବିଗତ ୨୪ ବର୍ଷ ଧରି ନିରନ୍ତର ଭାବେ ଚାଲି ଆସୁଥିବା ଶ୍ରମଦାନ ଶିବିର ଚଳିତବର୍ଷ ମଧ୍ୟ ମହାଶିବରାତ୍ରି ପରଦିନ ସାମାଜିକକର୍ମୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ମନ୍ଦିର ପରିସରରେ ପଡ଼ିଥିବା ଦୀପ, କୁଡୁଆ, ପଲିଥିନ୍, ପ୍ଲାଷ୍ଟିକ ବୋତଲ ଆଦି ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଶିବିରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ଶ୍ରୀସତ୍ୟସାଇ ମହିଳା ମହାବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପିକା ଡ. ମୃଣ୍ମୟୀ ରଥ, ଲକ୍ଷ୍ମୀଧର ସ୍ୱାଇଁ, ସାମାଜିକ କର୍ମୀ ରଞ୍ଜନ କୁମାର ଦାଶ, ଶୁଭ୍ରାଂଶୁ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ଜୀବନ ସେବା ଫାଉଣ୍ଡେସନ୍, ସୂର୍ଯ୍ୟଲକ୍ଷ୍ମୀ ଫାଉଣ୍ଡେସନ୍, ମିସିଂ ଫାଉଣ୍ଡେସନ୍, ଗର୍ଗ ଫାଉଣ୍ଡେସନ୍ ଏବଂ ମାଇଣ୍ଡ ଏମ୍ପାୱାରମେଣ୍ଟ ଫାଉଣ୍ଡେସନ୍ ଆଦିବ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଶ୍ରମଦାନ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଏହି ଅବିରତ ୨୪ ବର୍ଷର ସେବା ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ଓ ଶ୍ରଦ୍ଧାଳୁମାନେ ପ୍ରଶଂସା କରିଥିଲେ।

## ରେଡକ୍ରସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୬।୨(ସମିସ): ମହାଶିବରାତ୍ରି ପରେ ପରେ ସୋମବାର ସକାଳୁ ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଓ ପୋଲିସ କମିସନରେଟ ଆଞ୍ଚଳିକ ଶାଖା ପକ୍ଷରୁ ଲିଙ୍ଗରାଜ ମନ୍ଦିର ପାଖରେ ପଡ଼ିଥିବା ବ୍ୟବହୃତ ଜାଗରଦୀପ ଓ ଅଳିଆ ଗୁଡ଼ିକୁ ସଫା କରାଯାଇଛି। ମନ୍ଦିର ସମ୍ମୁଖ ସଫା ରଖିବା ପାଇଁ ଆଜି

ରେଡକ୍ରସ୍ ପକ୍ଷରୁ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ପୋଲିସ କମିସନରେଟ ରେଡକ୍ରସ୍‌ର ଯୁଗ୍ମସମ୍ପାଦକ ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡ଼ନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ଜୁନିୟର ରେଡକ୍ରସ୍ ଅଫିସର ଲକ୍ଷଣ ସ୍ୱାଇଁ, ସୁରେନ୍ଦ୍ର ନାଥ ସାମଲ, ରମାରାଣୀ ସେନାପତିଙ୍କ ସହିତ ଜୁନିୟର ରେଡକ୍ରସ୍‌ର କାଉନସିଲର ଓ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ



ଭୁବନେଶ୍ୱର, ୧୬।୨ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ରବୀନ୍ଦ୍ର ମଣ୍ଡପରେ ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ସୋମବାର ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଜୟନ୍ତୀ ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, କିମ୍ବଦନ୍ତୀ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ଓଡ଼ିଶାର ସମସ୍ତ ଶ୍ରୋତାମାନଙ୍କ ମଧ୍ୟରେ ଚିର ସ୍ମରଣୀୟ। ସଙ୍ଗୀତ ନିର୍ଦ୍ଦେଶନା ମାଧ୍ୟମରେ ପ୍ରଫୁଲ୍ଲ କର ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ଓଡ଼ିଆ ସଙ୍ଗୀତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଅମ୍ଳାନ ପ୍ରତିଭା ଓ ସଙ୍ଗୀତମୟ ଜୀବନ ଯାତ୍ରା ଯୁବପିଢ଼ିଙ୍କ ପାଇଁ ଆଦର୍ଶ ଏବଂ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ସଂରଚନା ଯୁବ ସଙ୍ଗୀତଜ୍ଞମାନଙ୍କୁ ନିଶ୍ଚିତ ରୂପେ ଅନୁପ୍ରାଣିତ କରିବ ବୋଲି ସଂସ୍କୃତି ମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଏବଂ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପରିବାର ବର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷ୍ଣପ୍ରସାଦ ବାର୍ଷିକ ସ୍ମୃତିସଭା



ଭୁବନେଶ୍ୱର, ୧୬।୨(ସମିସ): ଦାର୍ଶନିକ-ସାହିତ୍ୟିକ କୃଷ୍ଣପ୍ରସାଦ ମିଶ୍ର ସ୍ମୃତି ସଂସଦ ଓ ସ୍ନାତକୋତ୍ତର ଦର୍ଶନ ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ୩୩ତମ କୃଷ୍ଣପ୍ରସାଦ ବାର୍ଷିକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପକ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସ୍ମୃତିସଂସଦର ଆବାହକ ଡକ୍ଟର ବିରାଜ ମୋହନ ଦାସ କୃଷ୍ଣପ୍ରସାଦଙ୍କ କୃତି ଓ କୃତିତ୍ୱ ବିଷୟରେ ସୂଚନା ଦେବା ସହିତ ବିଭାଗୀୟ ମୁଖ୍ୟ ଡକ୍ଟର ନନ୍ଦିନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସ୍ୱର୍ଗତ ପ୍ରଫେସର ମିଶ୍ରଙ୍କ ପୁଅ ଡାକ୍ତର ସିଦ୍ଧାର୍ଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦର୍ଶନ ବିଭାଗର ଛାତ୍ରଛାତ୍ରୀ, ଡକ୍ଟର ସୁଧାକର ଜାଲି ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା, ଅବସରପ୍ରାପ୍ତ ଓଡ଼ିଆ ଭାଷା ସାହିତ୍ୟ ପ୍ରଫେସର ସଂଘମିତ୍ରା ମିଶ୍ର, ଦର୍ଶନଶାସ୍ତ୍ର ପ୍ରଫେସର ଗଣେଶ ପ୍ରସାଦ ଦାସ ଓ ବହୁ କୃଷ୍ଣପ୍ରସାଦ ପ୍ରେମୀ ସଭାରେ ଯୋଗ ଦେଇଥିଲେ।

## ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ସମାରୋହ

ଭୁବନେଶ୍ୱର, ୧୬।୨(ସମିସ): ଶିଶୁପାଳଗଡ଼ସ୍ଥିତ ପଦ୍ମନଗରରେ ପ୍ରଭୁ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଏକ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ତିନିଦିନବ୍ୟାପୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟର ସଭାପତି ସରୋଜ କୁମାର ପରିଡ଼ାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରୋଜ ସାହୁ, କେଦାର ନାଥ ଷଡ଼ଙ୍ଗୀ, ଅଜୟ ସେଠୀ, ନବକିଶୋର ସାହୁ, ନୃସିଂହ ତରାଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। ରାତି ୧୦ ଘଟିକା ସମୟରେ ନୀଳକଣ୍ଠେଶ୍ୱରଙ୍କ ମହାଦୀପ ଉଠିଥିଲା। ଆଖପାଖର ଶହସ୍ରାଧିକ ଭକ୍ତ ସେମାନଙ୍କ ଶ୍ରଦ୍ଧା ସୁମନ ଅର୍ପଣ କରି ଦୀପଦାନ କରିଥିଲେ।

## ବିଜେଡି ପାଳିଲା ସନ୍ଥ କବି ଭୀମ ଭୋଇଙ୍କ ବ୍ରହ୍ମଲୀନ ଦିବସ



ଭୁବନେଶ୍ୱର, ୧୬।୨(ସମିସ): ସନ୍ଥ କବି ଭୀମଭୋଇ ଥିଲେ ଅଦ୍ୱୈତ ନିରାକାର ବ୍ରହ୍ମର ଉପାସକ। ଅଲେଖ ମହିମା ଧର୍ମର ପ୍ରଚାର ନିମନ୍ତେ ସେ ଅନେକ ଭଜନ ଓ କାବ୍ୟ କବିତା ରଚନା କରି ଶୂନ୍ୟ ବ୍ରହ୍ମଙ୍କ ଉପାସନାର ତତ୍ତ୍ୱକୁ ପ୍ରତିଷ୍ଠା କରି ଯାଇଛନ୍ତି ବୋଲି ତାଙ୍କର ପବିତ୍ର ବ୍ରହ୍ମଲୀନ ଦିବସରେ ଉପସ୍ଥିତ ରହି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ପୂର୍ବାହ୍ନ ସାଢେ ଆଠଟା ସମୟରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ବିଧାନସଭା ପାର୍ଶ୍ୱରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ବିଜୟ କୁମାର ସାହୁ, ଅଧିବକ୍ତା ଦିଲୀପ ଦାସ ଶର୍ମା, ପ୍ରଧାପକ ରଙ୍ଗାଧର ସାହୁ, ବିଶ୍ୱଜିତ୍ ପଟ୍ଟନାୟକ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦାନ କରି ସନ୍ଥଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଅରବିନ୍ଦ ୟୁଥ ଆଣ୍ଡ ସୋସିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ




ବାଲିଅନ୍ତା, ୧୬।୨(ସମିସ): ଭୁବନେଶ୍ୱରସ୍ଥିତ ଶ୍ରୀ ଗୀତଗୋବିନ୍ଦ ଭବନରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ବରିଷ୍ଠ ନେତା ଡ ଅରବିନ୍ଦ ଢ଼ାଲିଙ୍କ ଦ୍ୱାରା ସ୍ଥାପିତ ସାମାଜିକ ଅନୁଷ୍ଠାନ 'ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ' ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସମାଜସେବୀ ତଥା ସଂଗଠକ ରଞ୍ଜନ କୁମାର ମହାପାତ୍ର ଓ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପରିଚାଳନା କରିଥିଲେ। ଡ ଢ଼ାଲି ପ୍ରାରମ୍ଭରୁ ସଂଗଠନର ଆଭିମୁଖ୍ୟ ତଥା ବିଗତ ଦିନରେ କରିଥିବା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି କୃଷକ ମୋର୍ଚ୍ଚା ସଭାପତି ଦିଲ୍ଲୀପ ସ୍ୱାଇଁ, ଅନୁସୂଚିତ ଜାତି ସେଲର ମାଗୁଣି ଚରଣ ସେଠୀ, ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବରିଷ୍ଠ ପ୍ରଶାସକ ଡ ବି କେ ଦେବବ୍ରତ ସ୍ୱାଇଁ, ଭୁବନେଶ୍ୱର ଜିଲ୍ଲା ପ୍ରଭାରୀ ସରୋଜ କର ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜୟଦେବ ନିର୍ବାଚନ ମଣ୍ଡଳୀର ବହୁ ସକ୍ରିୟ କର୍ମୀ ମାନଙ୍କୁ ଉତ୍ତରୀୟ ଓ ଡାଇରୀ ଦେଇ ସମ୍ମାନିତ କରାଯାଇଥିଲା। ପରେ ଉଭୟ ବାଲିପାଟଣା ଓ ବାଲିଅନ୍ତା ବ୍ଲକର କିଛି ବରିଷ୍ଠ ସାମ୍ବାଦିକ, ସାମାଜିକ କର୍ମୀ, ଆଶାକର୍ମୀ, ମହିଳା ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ୱିପ୍ରୋ ଆର୍ଥିୟାନ୍ ପ୍ରତିଯୋଗିତା**

## ଲୁଇସ୍ ବ୍ରେଲି ବିଦ୍ୟାଳୟ ବିଜୟୀ




ଭୁବନେଶ୍ୱର,୧୬।୨(ସମିସ): ପରିବେଶ ସନ୍ତୁଳନ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ଅଜିମ୍‌ପ୍ରେମଜୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ୱିପ୍ରୋ ଆର୍ଥିୟାନ୍' ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡ ଶ୍ରେଷ୍ଠ ୨୦ଟି ବିଜେତା ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଏଥିସହ ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡର ୪ ଜଣ ପ୍ରତିଭାବାନ ଛାତ୍ର ଏହି ଦଳରେ ସ୍ଥାନ ପାଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ଲୁଇସ୍ ବ୍ରେଲି ସ୍କୁଲ୍‌କୁ ସ୍ଥାୟୀତ୍ୱ (ସଷ୍ଟେନିବିଲିଟି) ଏବଂ ଜଳ ସଂରକ୍ଷଣ ଉପରେ ଏକ ଉତ୍କୃଷ୍ଟ ପ୍ରକଳ୍ପ ଉପସ୍ଥାପନ କରିଥିବାରୁ ସମ୍ମାନିତ କରାଯାଇଛି।

## ବାବା ବାଳକାନନ୍ଦ ଦାସଙ୍କ ବିୟୋଗରେ ବୈଦିକ ଶାନ୍ତିଯଜ୍ଞ



ଭୁବନେଶ୍ୱର, ୧୬।୨(ସମିସ): ମାଳିକାପୁରୁଷ, ଜୌଳକା ମହାପୁରୁଷ ବାବା ବୈକୁଣ୍ଠନାଥଙ୍କ ସମର୍ପିତ ଶିଷ୍ୟ ବାବାଜୀ ବାଳକାନନ୍ଦ ଦାସଙ୍କ ବିୟୋଗରେ ଆର୍ଯ୍ୟ ସମାଜ, ଓଡ଼ିଶା ପକ୍ଷରୁ ବୈଦିକ ଶାନ୍ତି ଯଜ୍ଞ, ସଂକୀର୍ତ୍ତନ ଉତ୍ସବ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖରପୁର ସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈଦିକ ଶାନ୍ତି ଯଜ୍ଞକୁ ପଣ୍ଡିତ ବିନୋଦ ବିହାରୀ ଦାସ ଓ ପଣ୍ଡିତ ପ୍ରମୋଦ କୁମାର ଦାସ ପରିଚାଳନା କରିଥିଲେ। ସେହିପରି ଆର୍ଯ୍ୟ ସମାଜ, ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଆରତୀ ଜ୍ଞାନେନ୍ଦ୍ର ଜଜମାନ ଥିବାବେଳେ ବିଶିଷ୍ଟ ସନ୍ଥ, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ପୂର୍ଣ୍ଣାହୁତିରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସଂକୀନ ମଣ୍ଡଳୀର ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଗାୟକ ମାଧବ ଚନ୍ଦ୍ର ବେହେରା ଓ ସାଥୀମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ବୁଦ୍ଧଦେବ ମିଶ୍ର, ଗୋପାଳକୃଷ୍ଣ ମହାପାତ୍ର, ଅଭିମନ୍ୟୁ ପାଢ଼ୀ, ସୁବାଷ ଚନ୍ଦ୍ର ମଲ୍ଲିକ, ନଳିନୀକାନ୍ତ ରାଉତ ପ୍ରମୁଖ ବାବା ବାଳକାନନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ପରଲୋକଗତ ଆତ୍ମାର ଶାନ୍ତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଆଶ୍ରମର ପରିଚାଳକ ଭବାନୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

# ପଞ୍ଚରଥ ଶୈଳୀରେ ନିର୍ମିତ ଅଷ୍ଟଶମ୍ଭୁ ମନ୍ଦିର



ଭୁବନେଶ୍ୱର, ୧୬।୨(ସମିସ): ଇତିହାସ ଆଉ କିମ୍ବଦନ୍ତୀରେ ଭରା ମନ୍ଦିରମାଳିନୀ ସହର ଭୁବନେଶ୍ୱର। ସହର ନୁହେଁ ତ ମନ୍ଦିରମାନଙ୍କର ପେଣ୍ଠସ୍ଥଳ। ଆଧ୍ୟାତ୍ମିକ ଚେତନାରେ ଭରପୁର ଏଇ ସହରର ପ୍ରତିଟି ଗଳିକନ୍ଦି। ସବୁଠି ଇତିହାସର ଛାପ। ପୁରାଣଠାରୁ ନେଇ ପ୍ରସ୍ତର ଯୁଗ ଯାଏଁର ଅକୁହା ଅଲିଭା ଦାଗ। ସେଥିମଧ୍ୟରୁ ଶୋଡଷ ଶତାବ୍ଦୀର ଅଷ୍ଟଶମ୍ଭୁ ମନ୍ଦିର ଅନ୍ୟତମ।

ଏହି ଅଷ୍ଟଶମ୍ଭୁ ମନ୍ଦିର ବିନ୍ଦୁସାଗର ନିକଟରେ ଥିବା ଉତ୍ତରେଶ୍ୱର ମନ୍ଦିର ପରିସର ଭିତରେ ରହିଛି। ଆଠଗୋଟି ଶିବ ମନ୍ଦିର ସମୂହ ହେଉଛି ଅଷ୍ଟଶମ୍ଭୁ ମନ୍ଦିର। ଏହି ଆଠଟି ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ ହୋଇଛି। ପୁରାଣ ବର୍ଣ୍ଣନା ଅନୁଯାୟୀ ମହାଦେବ ଓ ପାର୍ବତୀ ଏକାମ୍ରକ୍ଷେତ୍ରରେ ୧୫ ବର୍ଷ ଅବସ୍ଥାନ କରିଥିଲେ। ଏହି ସମୟରେ ଏକଦା ପାର୍ବତୀ ରତିକ୍ରୀଡା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ପାର୍ବତୀଙ୍କ ପ୍ରସ୍ତାବରେ ସମ୍ମତି ଜଣାଇ ମହାଦେବ ନିଜକୁ ଆଠଟି ରୂପରେ ପରିପ୍ରକାଶ କରିଥିଲେ। ଯାହାକୁ ଏକାଠି ଅଷ୍ଟଶମ୍ଭୁ କୁହାଯାଏ। ଏହି ମନ୍ଦିର ପରିସରରେ ଏକ ଐତିହ୍ୟ କୁଣ୍ଡ ରହିଛି। ଯାହା ଗୋଦାବରୀ କୁଣ୍ଡ ଭାବେ ପରିଚିତ। ସ୍ଥାନୀୟ ମାନ୍ୟତା ଅନୁଯାୟୀ ଯେତେବେଳେ ପାର୍ବତୀ ଦୁଇ ଅସୁର କିର୍ତ୍ତୀ ଏବଂ ବାସଙ୍କ ବଦ୍ଧ କଲେ, ତାପରେ ସେ ଅତ୍ୟନ୍ତ ଶୋଷିଲା ଅନୁଭବ କଲେ। ତେଣୁ ସେ ଶିବଙ୍କୁ ସ୍ମରଣ କରିବାରୁ ପ୍ରଭୁ ଶିବ ନିଜ ତ୍ରିଶୁଳ ପ୍ରହାର କରି ସେଠାରେ ଏକ କୁଣ୍ଡ ତିଆରି କରି ଜଳକୁ ପବିତ୍ର କରିବାପାଇଁ ଯେତେବେଳେ ସବୁ ନଦୀମାନଙ୍କୁ ଡାକିଥିଲେ, ସେତେବେଳେ ଗୋଦାବରୀ ଆସିପାରିନଥିଲେ। ଫଳରେ ସେ ଶିବଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ। ହେଲେ ଶିବ ତାଙ୍କ ଅଭିଶାପରେ କହିଥିଲେ କି କୁମ୍ଭ ମେଳା ବ୍ୟତୀତ ତାଙ୍କ ଜଳ ସବୁବେଳେ ଅପବିତ୍ର ରହିବ। କିନ୍ତୁ କୁମ୍ଭମେଳାରେ ତାଙ୍କ ଜଳ ସବୁଠୁ ଅଧିକ ପବିତ୍ର ବୋଲି ମାନ୍ୟତା ପାଇବ। ଏହା ସହିତ ସେହି କୁଣ୍ଡର ନାମ ଗୋଦାବରୀ ବୋଲି ନାମିତ ହୋଇଥିଲା।

### ଏବେ କେମିତି ରହିଛି



ଷୋଡ଼ଶ ଶତାବ୍ଦୀର ଏହି ଅଷ୍ଟଶମ୍ଭୁ ମନ୍ଦିର ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ ତାର ପରିଚୟ ହରାଇବାକୁ ବସିଛି। ମନ୍ଦିରର ବାହାର ପାର୍ଶ୍ୱର ରଙ୍ଗ ପରିବର୍ତ୍ତନ ହେବା ସହ ମନ୍ଦିର କ୍ଷୟ ହେବାକୁ ବସିଲାଣି। କେବଳ ସେତିକି ନୁହଁ ମନ୍ଦିର ଉପରେ ଅନାବନା ଗଛଲତା ମାଡି ଏହି ପ୍ରଚୀନ କିର୍ତ୍ତୀରାଜିର ସୌନ୍ଦର୍ଯ୍ୟ ମଧ୍ୟ ନଷ୍ଟ କରୁଛି। ପରିସରରେ ଥିବା ଗୋଦାବରୀ କୁଣ୍ଡର ପାଣି ସଫା ନହେବା କାରଣରୁ ରଙ୍ଗ ବଦଳି ସୌନ୍ଦର୍ଯ୍ୟ କ୍ଷୟ ହେଉଛି। ସନ୍ଧ୍ୟା ହେଲେ କିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ମଧ୍ୟ ଜମୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏପରି ଶତାବ୍ଦୀ ପୁରାତନ ମନ୍ଦିର ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଥିବା ବେଳେ ତାର ସୁରକ୍ଷା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

